# REGIONAL NEWS UNIT, AIR CUTTACK

## Mid-day Bulletin (2.32 PM)

### 09th November – 2025

**********************************

## ମୁଖ୍ୟ ସମ୍ବାଦ

- ନୂଆପଡ଼ା ବିଧାନସଭା ଉପନିର୍ବାଚନର ପ୍ରଚାର କାର୍ଯ୍ୟ ଶେଷ ହେବ ଆଉ କିଛି ସମୟ ପରେ ।

- ରାଜ୍ୟର କୃଷକମାନଙ୍କର ଆୟବୃଦ୍ଧିକୁ ସୁନିଶ୍ଚିତ କରିବାପାଇଁ ଆସନ୍ତାକାଲି ଓଡ଼ିଶା ଗସ୍ତରେ କେନ୍ଦ୍ର କୃଷି ମନ୍ତ୍ରୀ ।

- ରାଜ୍ୟର ପୁରୁଣା ଓ ବିପଦସଙ୍କୁଳ ଅବସ୍ଥାରେ ଥିବା ଅଟ୍ଟାଳିକାଗୁଡ଼ିକୁ ଚିହ୍ନଟ କରାଯାଇ ପର୍ଯ୍ୟାୟକ୍ରମେ ଭଙ୍ଗାଯିବାକୁ ସରକାରଙ୍କ ନିଷ୍ପତ୍ତି ।

ଏବଂ

- ଲୋକମାନଙ୍କୁ ମାଗଣା ଆଇନା ସେବା ପ୍ରଦାନ ଦିଗରେ ସଚେତନ କରିବା ନେଇ ଆଜି ପାଳନ କରାଯାଉଛି ଜାତୀୟ ଆଇନ ସେବା ଦିବସ ।

*Desk*

## ନୂଆପଡ଼ା ଉପନିର୍ବାଚନ

ନୂଆପଡା ବିଧାନସଭା ଉପନିର୍ବାଚନ ଲାଗି ଆଜି ଅପରାହ୍ଣ ୪ଟାରେ ପ୍ରଚାର କାର୍ଯ୍ୟ ଶେଷ ହେବ । ଏହାପରେ ୪୮ ଘଣ୍ଟା ନୀରବ ଅବଧି ରହିବ । ଏହି ସମୟ ମଧ୍ୟରେ କୌଣସି ପ୍ରକାର ପ୍ରଚାର କାର୍ଯ୍ୟ ହୋଇପାରିବ ନାହିଁ ବୋଲି ନିର୍ବାଚନ କମିଶନ୍‌ଙ୍କ ପକ୍ଷରୁ କୁହାଯାଇଛି । ପ୍ରଚାର ଅବଧି ଶେଷ ହେବାକୁ ଆଉ ୨ ଘଣ୍ଟାରୁ କମ୍ ସମୟ ରହିଛି । ତିନି ପ୍ରମୁଖ ରାଜନୈତିକ ଦଳ ଏବଂ ଅନ୍ୟ ଦଳର ପ୍ରାର୍ଥୀମାନେ ଶେଷ ପର୍ଯ୍ୟାୟରେ ଆଜି ଭୋଟର୍‌ମାନଙ୍କ ସେମାନଙ୍କ ସପକ୍ଷରେ ଭୋଟ୍ ଦେବାପାଇଁ ନିବେଦନ କରୁଛନ୍ତି ।  ନୂଆପଡା ବିଧାନସଭା ଆସନପାଇଁ ଆସନ୍ତା ୧୧ ତାରିଖ ମଙ୍ଗଳବାର ଦିନ ସକାଳ ୭ଟାରୁ ମତଦାନ ଆରମ୍ଭ ହୋଇ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଭୋଟ୍‌ଗ୍ରହଣ କରାଯିବ । ମାଓ ପ୍ରଭାବିତ ୪୭ଟି ବୁଥ୍‌ରେ ସକାଳ ୭ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ମତଦାନପାଇଁ ସମୟ ନିର୍ଘଣ୍ଟ କରାଯାଇଛି । ଏହି ବିଧାନସଭା କ୍ଷେତ୍ରରେ ୨ ଲକ୍ଷ ୪୮ ହଜାର ୨୫୬ ଜଣ ଭୋଟର୍ ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ । ନିର୍ବାଚନ କମିଶନ୍‌ଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ ବିଧାନସଭା ନିର୍ବାଚନ ପାଇଁ ୩୫୮ଟି ମତଦାନ କେନ୍ଦ୍ର କରାଯାଇଛି । ଯେଉଁ ବୁଥ୍‌ରେ ୧୨ ଶହରୁ ଅଧିକ ଭୋଟର୍ ଅଛନ୍ତି, ସେହି ସ୍ଥାନଗୁଡ଼ିକରେ ୫୬ଟି ଅତିରିକ୍ତ ବୁଥ୍ କରାଯାଇଛି ।

ଆସନ୍ତା ୧୪ ତାରିଖ ଶୁକ୍ରବାର ଦିନ ଭୋଟ୍‌ଗଣତି ହୋଇ ଫଳାଫଳ ପ୍ରକାଶ ପାଇବ । ଭୋଟ୍ ଲାଗି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି । ମୁଖ୍ୟ ନିର୍ବାଚନ ଅଧିକାରୀ ସାମାଜିକ ଗଣମାଧ୍ୟମରେ କୌଣସି ପ୍ରକାର ବିଭ୍ରାନ୍ତିକର ସୂଚନା ଓ

ଫଟୋର ପ୍ରଚାରରୁ ନିବୃତ ରହିବା ପାଇଁ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି ।

*HS*

## କେନ୍ଦ୍ରମନ୍ତ୍ରୀ ଓଡ଼ିଶା ଗସ୍ତ

କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଆସନ୍ତାକାଲି ଓଡ଼ିଶା ଗସ୍ତରେ ଆସିବେ । କୃଷକମାନଙ୍କର ଆୟ ବୃଦ୍ଧି, ପୋଷଣ ସୁରକ୍ଷା ସୁନିଶ୍ଚିତ ଓ ଜୈବିକ କୃଷିକୁ ପ୍ରୋତ୍ସାହନ ସମ୍ବନ୍ଧିତ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ । ଭୁବନେଶ୍ୱରର ଲୋକସେବା ଭବନର ସମ୍ମିଳନୀ କକ୍ଷରେ ଆସନ୍ତାକାଲି ଆୟୋଜିତ ହେବାକୁ ଥିବା ମାଣ୍ଡିଆ ଦିବସ ଉଦ୍‌ଘାଟନୀ ସଭାରେ ଶ୍ରୀ ଚୌହାନ ମୁଖ୍ୟ ଅତିଥି ଭାବେ ଯୋଗଦେବେ । ଏହି ଅବସରରେ ଓଡ଼ିଶା ସମେତ ସମଗ୍ର ଦେଶରେ ଶ୍ରୀଅନ୍ନ ଉତ୍ପାଦନ, ପ୍ରକ୍ରିୟାକରଣ ଓ ବ୍ୟବହାରକୁ ପ୍ରୋତ୍ସାହନ ଦେବାପାଇଁ କେନ୍ଦ୍ର ସରକାରଙ୍କ ପ୍ରୟାସ ସମ୍ବନ୍ଧରେ ସମ୍ମିଳନୀରେ ଆଲୋଚନା ହେବ । ଶ୍ରୀ ଚୌହାନ ଓଡ଼ିଶା ଗସ୍ତ ସମୟରେ କଟକ ଜିଲ୍ଲାର ବିଭିନ୍ନ ଅଞ୍ଚଳ ଗସ୍ତକରି ଚାଷଜମି ନିରୀକ୍ଷଣ କରିବା ସହ କୃଷକମାନଙ୍କ ସହ ଆଲୋଚନା କରିବେ ବୋଲି ଜଣାପଡ଼ିଛି । ଅପରାହ୍ଣରେ ଶ୍ରୀ ଚୌହାନ କଟକର ବିଦ୍ୟାଧରପୁର କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ରରେ ଆୟୋଜିତ ଏକ ବୈଠକରେ ଅଧ୍ୟକ୍ଷତା କରିବେ । ଏହି

ବୈଠକରେ ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା, ଡାଲି ଆତ୍ମନିର୍ଭରତା ମିଶନ ଓ ଜାତୀୟ ଜୈବିକ କୃଷି ଅଭିଯାନର କାର୍ଯ୍ୟକାରିତାର ସମୀକ୍ଷା କରିବେ ।

***Desk***

## ମୁଖ୍ୟମନ୍ତ୍ରୀ ଜନ ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଆସନ୍ତାକାଲି ବନ୍ଦ ରହିବ । ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣି ବନ୍ଦ ରହିବ । ପରବର୍ତ୍ତୀ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦ ପତ୍ର ମାଧ୍ୟମରେ ଜଣାଇ ଦିଆଯିବ । ଏନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି ।

***Nabarangpur/R***

## ଜନଜାତି ଗୌରବ ଦିବସ ପକ୍ଷ

ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମଜୟନ୍ତୀ' ଅବସରରେ ଜନଜାତି ଗୌରବ ଦିବସ ପକ୍ଷ ପାଳନ କରାଯାଉଛି । ଏହି ଉପଲକ୍ଷେ ନବରଙ୍ଗପୁର ଜିଲ୍ଲାର ହ୍ୱିର୍ଲିଠାରେ ଥିବା ଏକଲବ୍ୟ ଆଦର୍ଶ ବିଦ୍ୟାଳୟରେ ଏକ

ଟ୍ରାଇବାଲ୍ ଫ୍ୟାଶନ ଶୋ' ଆୟୋଜିତ ହେଇଥିଲା । ଏଥିରେ ବିଦ୍ୟାଳୟର ୪୦ ଜଣ ଛାତ୍ରଛାତ୍ରୀ ଭାଗ ନେଇ ଓଡ଼ିଶା ସମେତ ସମସ୍ତ ରାଜ୍ୟର ଜନଜାତିମାନଙ୍କ ପାରମ୍ପରିକ ବେଶଭୂଷା ପରିଧାନ କରି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ । ଏତଦ୍‌ବ୍ୟତୀତ ଛାତ୍ରଛାତ୍ରୀଙ୍କଦ୍ୱାରା ଆଦିବାସୀ ଓ ସାମାଜିକ ଚଳିଣି ସମ୍ପର୍କିତ ଏକ ଚିତ୍ରକଳା ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା ।

***Desk***

# ଅଟ୍ଟାଳିକା ଭୂଶୁଡିବା ଘଟଣା

କଟକ ବକ୍ସି ବଜାର ମଣିସାହୁ ଛକ ନିକଟରେ ଗତକାଲି ଘଟିଥିବା ବହୁତଳ ଅଟ୍ଟାଳିକା ଭୂଶୁଡ଼ିବା ଘଟଣାରେ ସରକାରଙ୍କ ତରଫରୁ ପ୍ରତିକ୍ରିୟା ପ୍ରକାଶ ପାଇଛି । ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି, ସରକାରୀ ଏବଂ ବେସରକାରୀ ପୁରୁଣା ଏବଂ ବିପଦସଙ୍କୁଳ ଅବସ୍ଥାରେ ଥିବା ଅଟ୍ଟାଳିକାଗୁଡ଼ିକୁ ଚିହ୍ନଟ କରାଯାଇ ପର୍ଯ୍ୟାୟକ୍ରମେ ଭଙ୍ଗାଯିବ ।

***Voice :........***

***Ganjam/R***

# ସାଂସଦ ଖେଳ ମହୋତ୍ସବ

ଗଞ୍ଜାମ ଜିଲ୍ଲାରେ ଆସନ୍ତା ୧୬ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ 'ସାଂସଦ ଖେଳ ମହୋତ୍ସବ' ଆୟୋଜନ କରାଯିବ । ପ୍ରତ୍ୟେକ ବ୍ଲକ୍‌ରେ

ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । କନିଷ୍ଠ ଓ ବରିଷ୍ଠ ୨ଟି ବର୍ଗରେ କ୍ରୀଡ଼ା ପ୍ରତିଯୋଗିତା ହେବ । ୧୨ରୁ ୧୬ ବର୍ଷର ପିଲାମାନେ କନିଷ୍ଠ ବର୍ଗରେ ଓ ୧୬ରୁ ୨୪ ବର୍ଷ ବୟସ୍କମାନେ ବରିଷ୍ଠ ବର୍ଗରେ ଭାଗ ନେଇପାରିବେ । ଏଥିନିମନ୍ତେ ଆସନ୍ତକାଲିଠାରୁ ୧୬ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ବ୍ଲକ୍‌ରେ ଇଚ୍ଛୁକ ପ୍ରତିଯୋଗୀମାନେ ସେମାନଙ୍କର ଆବଶ୍ୟକ କାଗଜପତ୍ର ଦେଇ ପଞ୍ଜୀକରଣ କରିପାରିବେ ।

***Kendrapara/R***

# ପଟେଲ୍ ଜୟନ୍ତୀ

କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ଏବଂ ମୋ ଭାରତର ମିଳିତ ଆନୁକୂଲ୍ୟରେ ତୁଳସୀ ମହାବିଦ୍ୟାଳୟ ପରିସରରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍‌ଙ୍କ ୧୫୦ତମ ଜୟନ୍ତୀ ଅବସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ । ପ୍ରତିଯୋଗିତାର ବିଜେତାମାନଙ୍କୁ ଏକତା ପଦଯାତ୍ରା ଅବସରରେ ପୁରସ୍କୃତ କରାଯିବ ।

*Keonjhar/R*

## ସାଇବର ସୁରକ୍ଷା ସଚେତନତା

କେନ୍ଦୁଝର ଜିଲ୍ଲା ଚମ୍ପୁଆ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନା ମହିଳା ୟୁନିଟ୍ ଆନୁକୂଲ୍ୟରେ 'ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ' ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଶହେରୁ ଅଧିକ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ । ଛାତ୍ରଛାତ୍ରୀମାନଙ୍କୁ ସାଇବର ଅପରାଧ ଓ ସୁରକ୍ଷା ନେଇ ସଚେତନ କରାଯିବା ସହ ଏଥିପାଇଁ ଆଇନଗତ ପ୍ରାବଧାନଗୁଡ଼ିକ ବିଷରେ ଅବଗତ କରାଯାଇଥିଲା ।

*Bhadrak/R*

## ଆର୍.ଏସ୍.ଏସ୍. ଯୁବ ସମ୍ମିଳନୀ

ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଯୁବ ସମ୍ମିଳନୀ ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳଙ୍କ ସମେତ ସଂଘର ବହୁ କାର୍ଯ୍ୟକର୍ତ୍ତା ଯୋଗଦେଇ ରାଷ୍ଟ୍ର ନିର୍ମାଣ କ୍ଷେତ୍ରରେ ଯୁବବର୍ଗଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ ।

***Desk***

# ଜାତୀୟ ଆଇନ ସେବା ଦିବସ

ଦେଶରେ ଜନସାଧାରଣଙ୍କ ପାଇଁ ଆଇନ୍ ସେବା ଉପଲବ୍ଧ କରିବା ନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ଜାତୀୟ ଆଇନ୍ ସେବା ଦିବସ ପାଳନ କରାଯାଉଛି । ଲୋକଙ୍କୁ ମାଗଣା ଆଇନ୍‌ସେବା ପ୍ରଦାନ ପାଇଁ ଆଇନ୍ ସେବା ପ୍ରାଧିକରଣର ପ୍ରତିଷ୍ଠା କରାଯାଇଛି । ୧୯୯୫ ମସିହା ଆଜିର ଦିନରେ ଜାତୀୟ ଆଇନ ସହାୟତା ଅଧିନିୟମ ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ ଲାଗୁ ହୋଇଥିଲା । ଏହାକୁ ସ୍ମରଣ କରି ପ୍ରତିବର୍ଷ ଆଜିର ଦିନକୁ ଜାତୀୟ ଆଇନ୍‌ସେବା ଦିବସ ଭାବରେ ପାଳନ କରାଯାଇଉଛି । ଏହି ଅଧିନିୟମକୁ ସଂଶୋଧନ କରାଯାଇ ଜିଲ୍ଲା ସ୍ତରରେ ଲୋକ ଅଦାଲତ ପ୍ରତିଷ୍ଠାପାଇଁ ବ୍ୟବସ୍ଥା କରାଯାଇଛି । ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ଅଧୀନରେ ଚଳିତ ବର୍ଷ ସେପ୍ଟେମ୍ବର ମାସ ଶେଷ ସୁଦ୍ଧା ୧୩ ଲକ୍ଷ ୮୭ ହଜାର ୭୫୩ଟି ମକଦ୍ଦମା ଫଏସଲା ହୋଇଥିବା ଜଣାପଡ଼ିଛି ।

***Ganjam/R***

# ଆଇନ ସେବା ଦିବସ

ଗଞ୍ଜାମ ଜିଲ୍ଲାର ଛତ୍ରପୁର ତାଲୁକ ଆଇନସେବା କମିଟି ପକ୍ଷରୁ ଆୟୋଜିତ ଆଇନ ସେବା ଦିବସ ୟୁରୋ ସ୍କୁଲ୍ ପରିସରରେ ପାଳିତ

ହୋଇଯାଇଛି । ଅତିଥିମାନେ ଜାତୀୟ ଆଇନ ସେବା ଦିବସ ସମ୍ପର୍କରେ ଆଲୋକପାତ କରିବା ସହ ଆଇନର ବିଭିନ୍ନ ଦିଗ ଉପରେ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରିଥିଲେ ।

***Met. O.***

# ପାଣିପାଗ

ରାଜ୍ୟକୁ ଉତ୍ତର ଦିଗରୁ ଶୁଖିଲା ଥଣ୍ଡା ପବନ ପ୍ରବେଶ କରୁଥିବାରୁ ଆସନ୍ତା ୩ ରୁ ୪ ଦିନ ମଧ୍ୟରେ ରାତିର ସର୍ବନିମ୍ନ ତାପମାତ୍ରା ୩ ରୁ ୪ ଡିଗ୍ରୀ ହ୍ରାସ ପାଇବାର ସମ୍ଭାବନା ଅଛି ବୋଲି ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି । ରାଜ୍ୟର ଆଭ୍ୟନ୍ତରୀଣ ସମେତ ପଶ୍ଚିମ ଭାଗର କେତେକ ସ୍ଥାନରେ କୁହୁଡି ପରିଲକ୍ଷିତ ହୋଇଛି । ଆସନ୍ତା ବୁଧବାର ପର୍ଯ୍ୟନ୍ତ ପାଗ ଶୁଖିଲା ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି । ଗତକାଲି ଝାରସୁଗୁଡ଼ାରେ ସର୍ବନିମ୍ନ ତାପମାତ୍ରା ୧୧ ଦଶମିକ ୭ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ଼ କରାଯାଇଥିଲା ।

******